# ସେ ଏ ଯୁଗର ମଣିଷ ନ ଥିଲେ

✓ଉଦୟନାଥ ଷଡ଼ଙ୍ଗୀ

ସମ୍ବଲପୁର ସହର ମୁଦିପଡାର ସ୍ୱର୍ଗତ ନୃସିଂହ ଗୁରୁଙ୍କ ପଞ୍ଚମହାଭୂତରେ ଗଢା ଶରୀର ୧୯୮୪ ମସିହାରେ ପଞ୍ଚଭୂତ ରେ ମିଶିଗଲା । ଏ ଯୁଗରେ ସେ ଜନ୍ମ ଗ୍ରହଣ କରିଥିଲେ,ଚଳ ପ୍ରଚଳ ହେଉଥିଲେ । ସମସାମୟିକ ଲୋକ ମାନଙ୍କ ସହିତ ମିଶୁଥିଲେ,ଆଳାପ ଆଲୋଚନା କରୁଥିଲେ ସତ,ମାତ୍ର ଏ ଯୁଗର ମଣିଷ ନ ଥିଲେ । ଏ ଯୁଗର ଶରୀରରେ ପୁରାଣ ବର୍ଣ୍ଣିତ ସତ୍ୟ ଯୁଗର ମାନବିକତା ହିଁ ଖେଳା କରୁଥିଲା ସେ ଦେହରେ ।

ଗୁରୁ ମହାଶୟ ଥିଲେ ଅକ୍ରୋଧୀ,ନିରଭିମାନୀ । କ୍ରୋଧ,ରାଗ,ବିରକ୍ତି ତାଙ୍କୁ କେବେହେଲେ ସ୍ପର୍ଶ କରି ନଥିଲା । ତାଙ୍କର ନିତିଦିନିଆ ବେଶ ପୋଷାକ ଥିଲା ଖଣ୍ଡିଏ ଆଣ୍ଠୁ ମାତ୍ର ଲୁଚୁଥିବା ମୋଟା ଖଦଡ ଲୁଗା, କାନ୍ଧରେ ଖଦଡ ଚାଦର ଓ ମୁଣ୍ଡରେ ଖଦଡ ଗାମୁଛାଟିଏ । ସାରା ଜୀବନ ସେ ଏ ବେଶରେ ବିତାଇ ଦେଇଛନ୍ତି ସବୁ କ୍ଷେତ୍ରରେ, ସବୁ ଅବସ୍ଥାରେ । ଘର ଭିତରେ, ସଭା ସମ୍ମିଳନୀ ମାନଙ୍କରେ, ଚାଷୀ,ମୂଲିଆ ବା ଉଚ୍ଚ ମାନ୍ୟଗଣ୍ୟ ଅଫିସର ମେଳରେ । କେବେହେଲେ ଏଇ ଗୋଟିଏ ପରିଚ୍ଛଦର ପରିବର୍ତ୍ତନ ଦେଖା ଯାଇନାହିଁ ।

ପ୍ରଥମେ ଜଣେ କଂଗ୍ରେସ କର୍ମୀ । ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇ ଗାନ୍ଧିଜୀଙ୍କ ବାର୍ତ୍ତା ଗାଁ ଗାଁ ବୁଲି ପ୍ରଚାର କରୁଥିଲେ । ଗ୍ରାମ ସଂଗଠନ ଓ ଚାଷୀ ମୂଲିଆଙ୍କ ମଧ୍ୟରେ ସଂହତି ପ୍ରତିଷ୍ଠା ଦିଗରେ ଲାଗିପଡିଥିଲେ ଗାନ୍ଧିଜୀଙ୍କ ଆଦର୍ଶ ଆଖି ଆଗରେ ରଖି ।

ପରେ ହେଲେ ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିଷ୍ଠିତ,ଓଡିଶାରେ କଂଗ୍ରେସ ଆନ୍ଦୋଳନର ମୁଖପତ୍ର "ସମାଜ"ର ହକର । ଅର୍ଥ ରୋଜଗାର ଆଶାରେ ନୁହେଁ,ଲୋକଙ୍କ ଭିତରେ ଅସହଯୋଗ ଆନ୍ଦୋଳନର ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟରେ ।

ପ୍ରତିଦିନ ସକାଳେ "ସମାଜ" ବିଡା କାଖରେ ଜାକି ସହରର ଗଳିକନ୍ଦି ବୁଲି ଘରେ ଘରେ କାଗଜ ଦେଇ ଆସୁଥଲେ । ତାଙ୍କର ନିଷ୍ଠା ବଳରେ "ସମାଜ'' ର ବିକ୍ରି ସଂଖ୍ୟା ସେଠାରେ ବଢିଗଲା । ହଜାର ହଜାର କପି ଯୋଗାଇବାକୁ ଦାବି ହେଲା । ସହରର ବିଭିନ୍ନ ଅଞ୍ଚଳର ଲୋକେ ପତ୍ରିକା କିଣିବାକୁ ଆଗ୍ରହୀ ହୋଇ ଉଠିଲେ । ସେତେବେଳେକୁ ଯାଇ ଗୁରୁ ମହାଶୟ କେତେଜଣ ହକର ନିଯୁକ୍ତି କଲେ । ଦୂରଦୂରାନ୍ତ ଅଞ୍ଚଳକୁ ସାଇକଲରେ ଯାଇ "ସମାଜ" ପହଞ୍ଚାଇ ଦେବାର ବ୍ୟବସ୍ଥା ହେଲା । ମାତ୍ର ନୃସିଂହ ବାବୁ ନିଜ କର୍ତ୍ତବ୍ୟ ଭୁଲିଲେ ନାହିଁ । ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ପ୍ରତ୍ୟହ ନିର୍ଦ୍ଦିଷ୍ଟ ସମୟରେ ନିଜେ କାଗଜ ନେଇ ଦେଇ ଆସୁଥିଲେ । କେହି ବାରଣ କଲେ କହୁଥିଲେ, ଏପରି ଚାଲିବା ଦ୍ୱାରା ମୋର ଗୋଡ ହାତର ତ 'ଏକ୍ସରସାଇଜ' ହେଉଛି ।

କ୍ରମେ ସମାଜର ସମ୍ବଲପୁର ଜିଲ୍ଲା ପାଇଁ ଏଜେଣ୍ଟ, ସମ୍ବାଦଦାତା ଓ "ସମାଜର" ପ୍ରତିନିଧି ହେଲେ ।

"ସମାଜର" ତତ୍ତ୍ୱାବଧାରକ, ସଂପାଦକ ଶ୍ରୀଯୁକ୍ତ ରାଧାନାଥ ବାବୁ ସେତେବେଳେ ରାଜ୍ୟଶାସନ କ୍ଷେତ୍ରରେ ଜଣେ ମନ୍ତ୍ରୀ, ଭୁବନେଶ୍ୱରରେ ରହୁଥାନ୍ତି । ନୃସିଂହ ବାବୁ କଟକ ଆସିଥିଲେ । ତାଙ୍କ ସହିତ କଣ ଗୁରୁତର କଥାବାର୍ତ୍ତା ଥିଲା । ଏ ଲେଖକକୁ ସଂଗରେ ଧରି ସେ ଭୁବନେଶ୍ୱର ଗଲେ । ଚପରାଶୀ ହାତରେ କାର୍ଡ ଦିଆଗଲା-ନୃସିଂହ ଗୁରୁ "ସମାଜ" ପ୍ରତିନିଧି ସମ୍ବଲପୁର ।

ଡାକରା ପାଇ ଦୁହେଁ ଯାକ ଅଫିସ ଭିତରକୁ ଗଲୁ । ସେଠାରେ କେତେକ ଉଚ୍ଚପଦସ୍ଥ ଅଫିସର,କୋର୍ଟ ପ୍ୟାଣ୍ଟ ପରିହିତ ଗଣ୍ୟମାନ୍ୟ ବିଶିଷ୍ଟ ବ୍ୟକ୍ତି,କିରାନୀ,ଚପରାଶୀ ଓ ଅନ୍ୟ ଶ୍ରେଣୀର ଲୋକ ରହିଥାନ୍ତି । ନୃସିଂହ ବାବୁଙ୍କୁ ଦେଖିବା ମାତ୍ରକେ କ୍ଷଣକୋପୀ ରାଧାନାଥ ବାବୁ ଗର୍ଜି ଉଠିଲେ । ମୁହଁ ବିକୃତ କରି କହିଲେ, "ସମାଜର" ପ୍ରତିନିଧି ! ଆପଣଙ୍କୁ ତ ଆଉ ଆମେ "ସମାଜ" ର ପ୍ରତିନିଧି କରି ରଖି ପାରିବୁ ନାହିଁ । "ସମାଜ"ର ମାନଇଜ୍ଜତ ଆପଣଙ୍କ ପାଇଁ ମାଟିରେ ମିଶି ଯାଇଛି । ଖଣ୍ଡେ ଆଣ୍ଠୁ ଲୁଚା କରିଆ ପିନ୍ଧି ,ଦେଢ ହାତ ଲମ୍ବ ଚାଦର କାନ୍ଧରେ ପକାଇ ଭିକାରୀଟାଏ "ସମାଜର" ପ୍ରତିନିଧି ହୋଇ ନପାରେ । 'ସମାଜ'ର ପ୍ରତିନିଧି କଣ ଏଇ କାଙ୍ଗାଳ ବେଶରେ ବିଭିନ୍ନ ଉଚ୍ଚପଦସ୍ଥ ଅଫିସର,ପ୍ରତିଷ୍ଠିତ ବ୍ୟକ୍ତି, ବିଶିଷ୍ଟ ନେତା ମାନଙ୍କୁ ଯାଇ ସାକ୍ଷାତ କରନ୍ତି ?"

ବିରାମବିହୀନ ପାଟି ୫, ୭ ମିନିଟ ପର୍ଯ୍ୟନ୍ତ ଚାଲିଲା । ମୁଁ ଲକ୍ଷ୍ୟ କରୁଥାଏ ନୃସିଂହ ବାବୁଙ୍କ ମୁହଁକୁ । ସେଠାରେ ସାମାନ୍ୟ ହେଲେ କୌଣସି ପରିବର୍ତ୍ତନ ଦେଖା ଯାଉ ନଥାଏ । ଶାନ୍ତ, ଶିଷ୍ଟ, ନିସ୍ତରଙ୍ଗ ଅବସ୍ଥା । ଏକା

ମୁଁ ନୁହେଁ ଅଫିସରେ ପୂରି ରହିଥିବା ସମସ୍ତଙ୍କ ମୁହଁରେ ବିସ୍ମୟର ସୂଚନା।

ରାଧାନାଥ ବାବୁଙ୍କ କଥା ବନ୍ଦ ହେଲା। ମୁହଁରେ ଗାମ୍ଭୀର୍ଯ୍ୟର ଛାୟା।

ଶାନ୍ତ, ଧୀର ଓ ନିରୁଦବିଗ୍ନ କଣ୍ଠରେ ଉତ୍ତର ମିଳିଲା। "ସମାଜର" ମର୍ଯ୍ୟାଦାରେ ଯଦି ହାନୀ ଘଟୁଛି ତେବେ ମୋତେ ପ୍ରତିନିଧି ନ ରଖି ପାରନ୍ତି। ମାତ୍ର ମୁଁ ତ ମୋର ବେଶ ପୋଷାକ ବଦଳାଇ ପାରିବି ନାହିଁ।"

ତଳକୁ ମୁହଁ ପୋତି ରାଧାନାଥ ବାବୁ ମୁହୂର୍ତ୍ତେ ମଉନ ରହିଲେ। ତା ପରେ ନିର୍ଦ୍ଦେଶ ଦେଲେ, "ଭିତରକୁ ଯାଅ। ଆଜି ଏଠାରେ ଖାଇବା। ସେହି ସମୟରେ କଥାବାର୍ତ୍ତା ହେବା।"

ଅକ୍ରୋଧୀ ଧୈର୍ଯ୍ୟଶୀଳ ନୃସିଂହ ବାବୁଙ୍କର ଏ ଆଚରଣ ଆଜିକାର ଯୁଗରେ ସମ୍ଭବ ?

ମଫସଲ ଏଜେଣ୍ଟ ମାନଙ୍କ ଉପରେ "ସମାଜ"ଅଫିସର ହଜାର ହଜାର ଟଙ୍କା ବରାବର ବାକି ପଡୁଥାଏ । ତାଗଦା ଉପରେ ତାଗଦା ହୁଏ ,ନୋଟିସ ଉପରେ ନୋଟିସ ଦିଆଯାଏ ,କାଗଜ ବନ୍ଦ ହୁଏ। ମୋକଦମା ବି ଚାଲେ। ତଥାପି ଏଜେଣ୍ଟ ମାନଙ୍କ ଠାରୁ ପ୍ରାପ୍ୟ ମିଳେ ନାହିଁ।

ମାତ୍ର ପ୍ରତି ମାସର ୭ ରୁ ୧୦ ତାରିଖ ମଧ୍ୟରେ ପୂର୍ବ ମାସର ଟିକିନିଖି ହିସାବ ଫର୍ଦ୍ଦ ଓ ସମସ୍ତ ଟଙ୍କା ଏପରିକି ଅଣା ପାହୁଲାର ଚେକ ଆସି ଅଫିସରେ ପହଞ୍ଚିବ। ଯଦି ସାମାନ୍ୟ କିଛି ଅନାଦାୟ ହେତୁ ବାକି ରହିଯାଏ ,ତେବେ ସେଥିପାଇଁ କ୍ଷମା ପ୍ରାର୍ଥନା ଓ ଆସନ୍ତା ମାସରେ ସମସ୍ତ ପରିଶୋଧର ପ୍ରତିଶ୍ରୁତି ଥାଏ। ପର ମାସରେ ସେ ପ୍ରତିଶ୍ରୁତି ନିଶ୍ଚୟ ରକ୍ଷା କରାଯିବ।

ତିନି ଚାରି ମାସରେ ଥରେ କଟକ ଆସି ନିଜ ହିସାବ ସହିତ ଅଫିସ ହିସାବ ମିଳାଇ ନେବା ତାଙ୍କର ସ୍ୱଭାବ ଥିଲା।

କଟକ ଆସିଲା ବେଳେ କାଖରେ ଖଦଡ ତିଆରି ଛୋଟ କନ୍ଥାଟିଏ ଓ ସେହି ମାପ ଅନୁଯାୟୀ ଟିକି ତକିଆର ପୁଡାଟିଏ ଥାଏ। ଅଫିସ ଘରର ତଳ ଚଟାଣରେ ଶୋଇପଡି ରାତିଟି କଟାଇ ଦିଅନ୍ତି। କାହାରି ସାହାଯ୍ୟ ଲୋଡନ୍ତି ନାହିଁ। ପର ଉପରେ ନିର୍ଭର କରିବା ବା ପରମୁଖାପେକ୍ଷୀ ହେବା ତାଙ୍କ ଧାତୁରେ ନଥିଲା।

ଥରେ ଆସି ପହଞ୍ଚିଗଲେ ସନ୍ଧ୍ୟା ସମୟରେ। ଅଫିସରେ ବେଡିଙ୍ଗ ରଖି ଦେଇ ଅନ୍ୟ କାର୍ଯ୍ୟରେ ବଜାରକୁ ବାହାରି ଗଲେ। ମେନେଜର ବାବୁଙ୍କୁ କହିଥିଲେ ମୁଁ ଫେରୁ ଫେରୁ ଟିକେ ବିଳମ୍ବ ହୋଇପାରେ। ମ୍ୟାନେଜର ବାବୁ ଗେଟ୍ କିପରକୁ ଏହା କହିବାକୁ ଭୁଲି ଯାଇଛନ୍ତି।

ବଜାରରେ କାମ ସାରି ଫେରିଲେ ରାତି ପ୍ରାୟ ୧୧ଟା ପରେ। ସେତେବେଳକୁ ସବୁଦିନ ଭଳି ଗେଟ୍ ରେ ତାଲା ପଡିଗଲାଣି। ଗୁର୍ଖା ଜଗୁଆଳ ତାଙ୍କୁ ଚିହ୍ନି ନାହିଁ କି ମେନେଜେର ବାବୁଙ୍କ ଠାରୁ କୌଣସି ନିର୍ଦ୍ଦେଶ ପାଇ-ନାହିଁ।

ନୃସିଂହ ବାବୁ ଗେଟ କିପରକୁ ଅନୁରୋଧ କଲେ ତାଲା ଫିଟାଇ ବାକୁ। ସେ ମନା କଲା। ମେନେଜର ବାବୁଙ୍କ ନିର୍ଦ୍ଦେଶ ନ ପାଇଲେ ଗେଟ ଖୋଲା ଯିବ ନାହିଁ ଉତ୍ତର ଦେଲା।

ମ୍ୟାନେଜର ବାବୁ ସେହି ହତା ଭିତରେ ରହନ୍ତି। ତାଙ୍କୁ ଖବର ଦିଆ ଯାଇଥିଲେ ଗାଢ ନିଦରେ ଶୋଇଥିଲେ ମଧ୍ୟ ସେ ଉଠିଆସି ମହାଶୟଙ୍କୁ ପାଛୋଟି ନେଇ ଥାନ୍ତେ। କାରଣ ସମାଜ ଅଫିସରେ ସେ ସମସ୍ତଙ୍କର ଭକ୍ତିଭାଜନ।

ଗୋପବନ୍ଧୁ ଭବନ(ସମାଜ ଅଫିସ ) ଆଗରେ ଗୋପବନ୍ଧୁ ବାଗ୍। ନୃସିଂହ ବାବୁ ଗେଟ କିପରକୁ ଆଉ କିଛି ନ କହି ଗୋପବନ୍ଧୁ ବାଗକୁ ଚାଲିଗଲେ। ପ୍ରତିମୂର୍ତ୍ତି ରଖାଯାଇଥିବା ମଣ୍ଡପ ଉପରେ ଚାଦରଟିଏ ଦେହରେ ପକାଇ ଶୋଇ ପଡିଲେ। ଶୀତ ଦିନ, କାକର ପଡୁଛି, କଟକରେ ମଶା ପ୍ରବଳ। ସେଥିପାଇଁ ଭ୍ରୁକ୍ଷେପ ନାହିଁ। ମୁକ୍ତ ଆକାଶ ତଳେ ଭୂଇଁ ଶଯ୍ୟାରେ ରାତିଟି କଟାଇ ଦେବେ ବୋଲି ଭାବିଥିଲେ।

ମାତ୍ର ବିଧାତା ତାହା ମଧ୍ୟ ସହିଲା ନାହିଁ। ବୀର ଜଗୁଆଳ ଭାବିଲା କୌଣସି ମଦ୍ୟପ ବା ଅସାମାଜିକ ବ୍ୟକ୍ତିଟାଏ। ରାସ୍ତାରେ ପହରା ଦେଉଥିବା କନେଷ୍ଟବଳକୁ ଡାକି ଆଣିଲା। ପୁଲିସ ଲୋକର ତ କୌଣସି କୈଫିୟତ ଶୁଣିବା ଦରକାର ପଡେ ନାହିଁ। ସେ କିଛି ନ ଶୁଣି ହାତ ଧରି ଟାଣି ଟାଣି ଥାନାକୁ ନେଇଗଲା। ବକ୍ସି ବଜାର ଠାରୁ ଲାଲବାଗ ଥାନା।

କୌଣସି କଥାରେ ଗୁରୁ ମହାଶୟଙ୍କ ଶୋଚନା ନଥାଏ। ଥାନା ବାବୁଙ୍କୁ ମଧ୍ୟ କିଛି କହିଲେ ନାହିଁ। ହାଜତରେ ଶୋଇ ରାତିଟି କଟାଇ ଦେଲେ।

ପରଦିନ ସକାଳେ ଥାନାରୁ ଫୋନ ପାଇ ନିଜେ ଯାଇ ତାଙ୍କୁ ଘେନି ଆସିଲି ଅଫିସକୁ। ପଚାରିଲି, "ରାତିଯାକ ଏତେ ହଇରାଣ ହେଲେ,ଗେଟ୍‌କିପର ହାତରେ ମ୍ୟାନେଜର ବାବୁଙ୍କୁ ଖବର ନ ଦେଲେ କାହିଁକି ?"

ଉତ୍ତର ମିଳିଲା, "ଏତେ ରାତିରେ ଭଦ୍ରଲୋକଙ୍କୁ କଷ୍ଟ

ଦେଇଥାନ୍ତି କାହିଁକି ? ଯେଉଁଠାରେ ହେଲେ ଶୋଇ ପଡିବା କଥା । ଥାନା ହାଜତରେ ରାତିଟି ଦିବ୍ୟ ଆରାମରେ କଟିଗଲା ।"

ଏଇ ହେଉଛନ୍ତି ନୃସିଂହ ଗୁରୁ-ଗୁରୁ ମହାଶୟ । ଏହାଙ୍କୁ କଣ ଏ ଯୁଗର ମଣିଷ ବୋଲି କୁହାଯିବ ? ।

ଗୁରୁ ଥିଲେ ସାମ୍ବାଦିକ । ରାଜ୍ୟର ଶ୍ରେଷ୍ଠ ସମ୍ବାଦପତ୍ର "ସମାଜ"ର ଗୋଟିଏ ଜିଲ୍ଲାର ପ୍ରତିନିଧି,ସବୁ ଅଞ୍ଚଳର ସାମ୍ବାଦିକ ମାନଙ୍କର ଗୁରୁଜନ ।

ଭିନ୍ନ ଭିନ୍ନ ଅଞ୍ଚଳର ସମ୍ବାଦଦାତାମାନଙ୍କ ଠାରୁ ଆସୁଥିବା ସମ୍ବାଦ ସବୁ , ସଭା ସମ୍ମିଳନୀର ବିବରଣୀ, ନେତା ମାନଙ୍କର ବିବୃତି ମାନ ପଢି ସଂଶୋଧନ କରି ପ୍ରକାଶଯୋଗୀ କରିବାରେ ତନିଜଣ ସବଏଡିଟର ନୟାନ୍ତ ହୋଇଯାନ୍ତି । ମାତ୍ର ନୃସିଂହ ବାବୁଙ୍କ ପ୍ରେରିତ ଲେଖା କାଣ୍ଟଛାଣ୍ଟ ହୋଇ ଏପରି ନିର୍ଭୁଲ ଭାବରେ ପରିବେଷଣ କରାଯାଇ ଥାଏ ଯେ,ତାକୁ ଆଉ ଥରେ ପଢ଼ିବା ଦରକାର ପଡେ ନାହିଁ । ତାଙ୍କ ହସ୍ତାକ୍ଷର ଓ ଦସ୍ତଖତ ଦେଖି ସିଧା କମ୍ପୋଜ ପାଇଁ ପଠାଇ ଦିଆଯାଏ ।

ତାଙ୍କ ପ୍ରେରିତ ସମ୍ବାଦର କୌଣସି ପ୍ରକାର ପ୍ରତିବାଦ କେବେ ହୋଇ ନାହିଁ । ବିବଦମାନ ରାଜନୀତିକ ଦଳର କୌଣସି ନେତା କି କର୍ମୀ କେବେ ଅସନ୍ତୋଷ ପ୍ରକାଶ କରି ନାହାଁନ୍ତି । ସଭା,ସମ୍ମିଳନୀର ବିବରଣୀ ଏଭଳି ମାପଚୁପରେ ସ୍ଥାନ ପାଇଥାଏ ଯେ କାହାରି ପାଟି ଫିଟେଇବାକୁ ଜୁ ନ ଥାଏ । ତେଣୁ ସେ ବିବେଚିତ ହେଉଥିଲେ ଅଜାତଶତ୍ରୁ । ସବୁ ଦଳ, ସବୁ ଅନୁଷ୍ଠାନ, ସବୁ ଶ୍ରେଣୀର ଲୋକଙ୍କ ପ୍ରତି ସମଦୃଷ୍ଟି ।

ଉତ୍କଳ ସାମ୍ବାଦିକ ସଂଘର ଜଣେ ମୁରବୀ ସ୍ଥାନୀୟ ମୁଖିଆ ସଭ୍ୟ । ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି,ନିଖିଳ ଭାରତ ସାମ୍ବାଦିକ ସଂଘର ରାଜ୍ୟ ପ୍ରତିନିଧି । ସବୁ ଶ୍ରେଣୀର ସାମ୍ବାଦିକଙ୍କ ସହ ଘନିଷ୍ଠତା;ତଥାପି ବିଡି ସିଗାରେଟର ଧାର ଧାରନ୍ତି ନାହିଁ , ଚା-କଫି-ପାନ ଅସ୍ପୃଶ୍ୟ,ବଜାରରେ ବିକ୍ରି ହେଉଥିବା କୋଲଡ୍ ଡ୍ରିଙ୍କ ବୋତଲକୁ ହାତ ଉଠେ ନାହିଁ । ଅନ୍ୟ ପାନୀୟ କଥା ଦୂରେ ଥାଉ । ସାମ୍ବାଦିକ ମାନଙ୍କର ଯାହା ଅବଶ୍ୟ ପାନୀୟ (ବିଭିନ୍ନ ପତ୍ରିକାରେ ପ୍ରକାଶ ପାଉଥିବା ଭାରତର ବିଶିଷ୍ଟ ସାମ୍ବାଦିକ ସର୍ଦ୍ଦାର ଖୁସ୍‌ବନ୍ତ ସିଂହଙ୍କ ସନ୍ଦର୍ଭର ହେଡିଙ୍ଗ୍ ଦର୍ଶନୀୟ) କୁ ଚାହିଁ ଦେଲେ ପଇତା ମାରା ହୋଇଯିବ ।

ଏ ଶ୍ରେଣୀର ଲୋକ ଏ ଯୁଗର ସାମ୍ବାଦିକ ଶ୍ରେଣୀଭୁକ୍ତ ହେବେ କିପରି ? ଏ ଯୁଗର ମଣିଷ ବୋଲି କିଏ କାହିଁକି ବିଚାର କରିବ ?

କଥା ଅଛି, "ସଂକୀର୍ତ୍ତନରେ ହାଉଡା(ମୂକବ୍ୟକ୍ତି)ଟା ବି ଆଁ କରିଦିଏ । "

ନିର୍ବାଚନ ଧୂମଧାମ -ହଟ୍ଟଗୋଳ,ତାଙ୍କ ମୁଣ୍ଡରେ ପାଗଳାମୀ ଢୁକିଲା,ଆସେମ୍ବ୍ଲି ନିର୍ବାଚନରେ ପ୍ରାର୍ଥୀ ହେବେ । କୌଣସି ଦଳର ଆଶ୍ରୟ ନେବେ ନାହିଁ - ସ୍ୱାଧୀନ ପ୍ରାର୍ଥୀ ।

ଦରଖାସ୍ତ ଦେଲେ ,ତାହା କାଏମ ରହିଲା । ପାଞ୍ଚଶହ ଟଙ୍କା ଜମା ଦାଖଲ କରାଗଲା,ବାସ୍ ସେତିକି ।

କାମଳ ରୋଗୀ ଆଖିକୁ ଚାରିଆଡେ ହଳଦିଆ ଦେଖାଯାଏ । ସେ ଭାବିଥିଲେ ,ଭୋଟରମାନେ ତାଙ୍କରି ଭଳି ସାଧୁ, ସଚ୍ଚୋଟ ଓ ସତ୍ ପୁରୁଷ । ସମସ୍ତେ ଜାଣନ୍ତି ସେ ପ୍ରକୃତ ଦେଶହିତୈଷୀ, ନିଃସ୍ୱାର୍ଥପର ସମାଜସେବୀ । ତେଣୁ ସେମାନେ ତାଙ୍କୁ ଭୋଟ ଦେବେ ନିଶ୍ଚୟ ।

ପାମ୍ଫଲେଟ କି ପ୍ରଚାରପତ୍ର ଛପା ହେଲା ନାହିଁ । କର୍ମୀ କି ପ୍ରଚାରକ ନିଯୁକ୍ତି ହେଲେ ନାହିଁ । ଜିପ, ମଟର କି ଗାଡି କଥା ମନରେ ଉଠିଲା ନାହିଁ । ପିଲା ଦିନର ସାଥୀ ଦରଭଙ୍ଗା ସାଇକେଲଟି ଏକମାତ୍ର ସମ୍ବଳ । ସେଥିରେ ବସି ଗୁରୁ ମହାଶୟ ନିର୍ବାଚନ ମଣ୍ଡଳୀର ଗାଁ ଗାଁ ଘର ଘର ଏକାକୀ ବୁଲିଲେ । ନିଜ ପାଇଁ ନିଜେ ପ୍ରଚାର କଲେ । ବେକରେ ଗଜରା ଫୁଲମାଳ ନାହିଁ, ସଭା ନାହିଁ କି ପୁଞ୍ଜାଏ ଦି ପୁଞ୍ଜା ମାଇକର ଗର୍ଜନ ନାହିଁ । ଆକାଶ ତୋଳା ଫମ୍ପା ପ୍ରତିଶ୍ରୁତି ନାହିଁ, ଭୂଇଁ ଫୋଡ ସହାନୁଭୂତି ପ୍ରକାଶ, କି ଲୋକଙ୍କର କଳ୍ପିତ ଅଭାବ ଅସୁବିଧା ବର୍ଣ୍ଣନା କରି କୁମ୍ଭୀର କାନ୍ଦଣା ନାହିଁ । ଏହି ପରିସ୍ଥିତିରେ କଅଣ ଆଜିକାଲି ନିର୍ବାଚନ ମହାନଦୀ ପାରି ହେବା ସମ୍ଭବ ? କିଏ ବା କାହିଁକି ଭୋଟ ଦେବ ?

ପଚାରିଲେ ଉତ୍ତର ମିଳେ,"କଅଣ ପଇସା ଦେଇ ଭୋଟ କିଣିବି ? ତା ହେଲେ ଲୋକ ପ୍ରତିନିଧି ହେବି କିପରି ?"

ନିର୍ବାଚନରେ ହାରିଲେ । ଏପରିକି ଜମା ଦିଆଯାଇଥିବା ଟଙ୍କା ବ୍ୟାଜାପ୍ତ ହୋଇଗଲା । ସେଥିପାଇଁ ଦୁଃଖ ନାହିଁ କି ଅନୁଶୋଚନା ନାହିଁ । ଏଇଭଳି ଲୋକ କଅଣ ଆଜିକାଲି ନିର୍ବାଚନର ପ୍ରବଳ ଝଡ ଝଞ୍ଜାରେ ରାସ୍ତାରେ ବାଟ ଚାଲନ୍ତି ନା ଏମାନଙ୍କୁ ଏ ଯୁଗର ମଣିଷ ବୋଲି ଗଣା କରାଯିବ ?

ଏଇ ହେଉଛନ୍ତି ନୃସିଂହ ଗୁରୁ-ଆମର ଗୁରୁ ମହାଶୟ, ପ୍ରଥମ ସାକ୍ଷାତ ସମୟରେ ଥରେ ଲଫାପା ଉପରେ ଠିକଣା ଲେଖି ଦେଇଥିଲେ,ଶ୍ରୀ ନୃସିଂହଚରଣ ଗୁରୁ । ଫେରନ୍ତା ଡାକରେ ଉତ୍ତର ଆସିଲା, ଚରଣ ନୁହେ, ଖାଲି ନୃସିଂହ ଗୁରୁ ।

ସରଳ, ନିଷ୍କପଟ, ଖର୍ବକାୟ ମଣିଷଟିଏ । କାହାରି ପ୍ରତି କ୍ରୋଧ ନାହିଁ କି ଈର୍ଷା ନାହିଁ । ଗୁରୁ ଉପାଧିକୁ ସାର୍ଥକ କରିଥିଲେ ନିଜ କଥାବାର୍ତ୍ତା, ବ୍ୟବହାର ଚାଲିଚଳନରେ ସମସ୍ତଙ୍କ ଶ୍ରଦ୍ଧା ଓ ଭକ୍ତି ଆକର୍ଷଣ କରିବା ଦ୍ୱାରା ।

ଜୀବନ ଯାକ ଚଲାବାଟରେ କାହାରି ସାହାଯ୍ୟ ସହଯୋଗ ଲୋଡି ନାହାଁନ୍ତି । ଏପରିକି ସହାନୁଭୂତି ମଧ୍ୟ ଆଶା କରି ନାହାଁନ୍ତି । ଆସିଥିଲେ ପଥ ଅତିକ୍ରାନ୍ତ କଲେ ଏକା ଏବଂ ଲକ୍ଷ୍ୟ ସ୍ଥଳକୁ ଚାଲିଗଲେ ମଧ୍ୟ ଏକାକୀ ।

ଜ୍ୟେଷ୍ଠ ପୁତ୍ରର ଦୁରାରୋଗ ବ୍ୟାଧି । ମନ ବିଚଳିତ । ଜରାଜୀର୍ଣ୍ଣ ଓ ରୁଗଣ୍ ଶରୀର । ଖବର ପାଇଲେ ବହୁ ଦୂରରେ ମଧ୍ୟପ୍ରଦେଶର କୌଣସି ବଣଜଙ୍ଗଲ ଘେରା ଗ୍ରାମରେ ଜଣେ ଘନିଷ୍ଠ ଆତ୍ମୀୟଙ୍କ ପରଲୋକ ହୋଇ ଯାଇଛି । ଘରେ କେତେ ଜଣଙ୍କୁ ସାଙ୍ଗରେ ଯିବା ପାଇଁ ଡାକିଲେ । ମାତ୍ର କେହି ସୁବିଧା କରି ପାରିଲେ ନାହିଁ । ମନରେ ଅବଶୋଷ ନାହିଁ । ଗୋଟିଏ ଟ୍ୟାକ୍ସି ଭଡାକରି ବଡ ଝିଅ ଓ ଜ୍ୱାଇଁଙ୍କ ସହ ଚାଲିଲେ । ପରଦିନ ଆଉ ନିଜେ ଫେରି ଆସିଲେ ନାହିଁ, ଫେରିଲା ତାଙ୍କର ଶବ ମୁଦିପଡାର ବାସ ଭବନକୁ ।

ଖବର ପାଇ କଟକରୁ ବାହାରିଲୁ "ସମାଜ" ଅଫିସର ତିନିଜଣ ବନ୍ଧୁ । ବାଟରେ କେତେକ ଅସୁବିଧା ହେଲା । ଗାଡି ସେଠାରେ ପହଞ୍ଚିଲା ବେଳକୁ ବହୁତ ରାତି ।

ହୁ ହୁ ଜଳୁଥିବା ଚିତାଅଗ୍ନି ଭିତରେ କେବଳ ଚନ୍ଦା ମୁଣ୍ଡଟି ଅକ୍ଷୁଣ୍ଣ ରହିଥାଏ । ତାହା ହିଁ ମୋର ଦୁଇଟୋପା ଅଶ୍ରୁ ତର୍ପଣର ସାକ୍ଷୀ ।

ଏଇ ହେଉଛନ୍ତି ନୃସିଂହ ଗୁରୁ, ଆମର ଭକ୍ତି ଭାଜନ ଗୁରୁ ମହାଶୟ । ଏ ଯୁଗର ଶରୀର ଓ ସତ୍ୟ ଯୁଗର ମାନବିକତାର ଅଧିକାରୀ ।

ପୂର୍ବତନ ବାର୍ତ୍ତା ସଂପାଦକ
"ସମାଜ"